Samsad - 12/05/16

# ଇଫ୍‌କୋରେ ଜୈବିକ ସାର ଉତ୍ପାଦନ କାରଖାନା ଉଦ୍‌ଘାଟିତ

## ରସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କର: ଡକ୍ଟର ଅଗସ୍ତି

ପାରାଦୀପ,୧୧।୫(ଇମିସ): ପାରାଦୀପସ୍ଥିତ ଇଫ୍‌କୋ ସାର କାରଖାନା ପରିସରରେ ଆଜି ରାଜ୍ୟରେ ପ୍ରଥମ କରି ଜୈବିକ ସାର ଉତ୍ପାଦନ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଛି। ବାର୍ଷିକ ୧ଲକ୍ଷ ଲିଟର ଜୈବିକ ସାର ଉତ୍ପାଦନର କ୍ଷମତା ରଖିଥିବା ଏହି ନୂତନ ଜୈବିକ ସାର କାରଖାନାକୁ ଇଫ୍‌କୋର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ୟୁ.ଏସ୍ ଅଗସ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡକ୍ଟର ଅଗସ୍ତି ରସାୟନିକ ସାର ପ୍ରୟୋଗର ମାତ୍ରା କମାଇବା ସହିତ ଜମିର ଉର୍ବରତା ବୃଦ୍ଧି ଓ ମାଟିକୁ ଖାଦ୍ୟ ସାର ଯୋଗାଇ ଦେବା ପାଇଁ ଏଭଳି ଜୈବିକ ସାରର ପ୍ରୟୋଗ ସଂପର୍କରେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଯଥା ସମ୍ଭବ ରସାୟନିକ ସାର କମ ପ୍ରୟୋଗ କରିବା ପାଇଁ ଏହି ଜୈବିକ ସାର କଥା ଚିନ୍ତା କରାଯାଇଛି। ରସାୟନିକ ସାରର ପରିପୂରକ ଏହି ଜୈବିକ ସାର ୧ରୁ ୧୫ ପ୍ରତିଶତ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ବୋଲି ଡକ୍ଟର ଅଗସ୍ତି କହିଥିଲେ। ଦେଶର ସମୁଦାୟ ଆବଶ୍ୟକତାର ଶତକଡା ୩୮ ପ୍ରତିଶତ




ସାର କେବଳ ଇଫ୍‌କୋ ସମଗ୍ର ଦେଶକୁ ଯୋଗାଉଛି। ଡକ୍ଟର ଅଗସ୍ତି ପାରାଦୀପରେ ଏକ କୃଷକ ପ୍ରଶିକ୍ଷଣ କେନ୍ଦ୍ର ଆସନ୍ତା ୬ ମାସ ଭିତରେ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ।ସେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ଲାଣ୍ଟ ନିର୍ମାଣ ଶେଷ ହୋଇଥିବାରୁ ଇଫ୍‌କୋ ପାରାଦୀପର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଧନ୍ୟବାଦ ଦେଇଥିଲେ। ପାରାଦୀପ ୟୁନିଟ୍ ହେଡ୍ ଏ.କେ. ପଣ୍ଡା ବର୍ଷକୁ ୧ଲକ୍ଷ ଲିଟର ଜୈବ ସାର ଉତ୍ପାଦନ ସାମର୍ଥ୍ୟ ରଖିଥିବା ଏହି ପ୍ଲାଣ୍ଟ ୪କୋଟି ଟଙ୍କା ବ୍ୟୟରେ ମାତ୍ର ୧୦ ମାସ ଭିତରେ ନିର୍ମାଣ କରାଯାଇଥିବା କହିଥିଲେ। ରାଜ୍ୟର ମୁଖ୍ୟ ମାର୍କେଟିଂ ମ୍ୟାନେଜର ଏସ୍ ଚଟ୍ଟୋପାଧ୍ୟାୟ, ଡକ୍ଟର ମନ୍ମଥ ପ୍ରସାଦ ପ୍ରମୁଖ ଯୋଗଦେଇ ଅଗସ୍ତିଙ୍କ ଉଦ୍ୟମ ଯୋଗୁଁ ପାରାଦୀପ ସମେତ ଦେଶର ସମସ୍ତ ଇଫ୍‌କୋ ୟୁନିଟ ପ୍ରତିଷ୍ଠା ହୋଇପାରିଥିବା କହିଥିଲେ। ଚିଫ୍ ମ୍ୟାନେଜର ଏଚ୍.ଆର କି.ସି. ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହାର ଉଦ୍‌ଘାଟନ ଉତ୍ସବରେ ଇଫ୍‌କୋ କର୍ମଚାରୀ ସଂଘର ସଭାପତି, ସଂପାଦକ, କୃଷକମାନେ ଯୋଗଦେଇଥିଲେ।